## ଶ୍ରୀଜୀଉଙ୍କ ବଡ଼ସିଂହାର ବେଶ



**ଖଲ୍ଲିକୋଟ,୭ ।୪(ସମିସ):** ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଯାଇଛି । ସୋମବାର ଦୈନିକ ସନ୍ଧ୍ୟା ନୀତି ସମାପନ ପରେ ରାତି ୧୦ଟାରେ ଶ୍ରୀଜୀଉଙ୍କୁ ଚନ୍ଦନ ସର୍ବାଙ୍ଗ ପରେ ପରେ ଶ୍ରୀମନ୍ଦିର ନୀତିକୁ ଅନୁକରଣ କରି ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିଲା । ମନ୍ଦିରର ମୁଖ୍ୟ ପୂଜକ ବ୍ରଜକିଶୋର ପଣ୍ଡା ଏବଂ ଖଲ୍ଲିକୋଟ ଜଗନ୍ନାଥ ସେନାଙ୍କ ଅନୁରୋଧ କ୍ରମେ ଶ୍ରୀକ୍ଷେତ୍ର ସ୍ଥିତ ସିଦ୍ଧବକୁଳ ମଠର ୭ ଜଣ ସେବକଙ୍କ ଦ୍ୱାରା ଶ୍ରୀଜୀଉଙ୍କୁ ବେଶ କରାଯାଇଥିଲା । ବଡ଼ସିଂହାର ସମୟରେ ନାଟ୍ୟ ମଣ୍ଡପରେ କୁନି ନୃତ୍ୟ ଶିଳ୍ପୀ କ୍ରୀପାଳିନ ଆଚାର୍ଯ୍ୟ, ଅଶ୍ୱିନୀ ତ୍ରିପାଠୀ ଏବଂ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମାହାରୀ ନୃତ୍ୟ ପରିବେଷଣ ସମସ୍ତଙ୍କୁ ବେଶ୍ ଆକର୍ଷିତ କରିଥିଲା ।

## ଧରାକୋଟରେ ପଞ୍ଚୁଦଣ୍ଡ ମହାମିଳନ



**ଧରାକୋଟ,୭ ।୪(ସମିସ):** ଧରାକୋଟ ଗଡ଼ରେ ପଞ୍ଚୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଣିକପୁର, ପଣିବନ୍ଧ, ବରଡାବିଲି, ଜାହାଡା ଓ ଧରାକୋଟ ଦଣ୍ଡଦଳ ଭାଗ ନେଇଥିଲେ । ପ୍ରଥମେ ମାନସିକଧାରିମାନେ ପାଞ୍ଚଟି ଦଣ୍ଡ ଦଳକୁ ନିମନ୍ତ୍ରଣ କରିଥିଲେ । ଏହା ପରେ ସମସ୍ତ ଦଣ୍ଡଦଳ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ନିକଟରେ ସମବେତ ହେବାପରେ କର୍ତ୍ତା ଦିଲୀପ ସ୍ୱାଇଁ, ନବଘନ ଭଞ୍ଜ, ଗତିକୃଷ୍ଣ ସାହୁ, ରାମକୃଷ୍ଣ ପତ୍ରୀ ଓ ଅମର ଦାସ ଯଥାକ୍ରମେ କୁମ୍ଭାର ସାହି, ବଡଦାଣ୍ଡ ସାହି, ରଥପଦା ସାହି, କୋଠରୀ ସାହି ଓ ମଝି ସାହିକୁ ଦଣ୍ଡଦଳକୁ ପାଛୋଟି ନେଇଥିଲେ । ମଧ୍ୟାହ୍ନରେ ଧୂଳିଦଣ୍ଡ ସାରି ନେଳିଆ ବନ୍ଧରେ ଦଣ୍ଡୁଆମାନେ ପାଣିଦଣ୍ଡ କାର୍ଯ୍ୟ ସମାପନ କରି ଅଗ୍ନିଦଣ୍ଡ ସହ ନଗର ପରିକ୍ରମା କରିଥିଲେ । ଅପରାହ୍ନରେ ଆଡ଼ପ ମଣ୍ଡପ ମେଳଣ ପଡ଼ିଆରେ ପଞ୍ଚୁଦଣ୍ଡଙ୍କର ମହାମିଳନ ପର୍ବ ଅନୁଷ୍ଠିତ ହୋଇଥିଲା । ମିଳନ ପର୍ବରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ରାଜଜେମା ଶାନ୍ତିପ୍ରିୟା ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସମାଜସେବୀ ପ୍ରଦୀପ ପତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହାପରେ ଧରାକୋଟ ମିନି ଷ୍ଟାଡିୟମରେ ସନ୍ଧ୍ୟା ଆଳତି ଓ ନିଶାର୍ଦ୍ଧରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଶେଷ ପର୍ଯ୍ୟାୟରେ ପାଞ୍ଚଟି ଦଣ୍ଡଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଅତିରିକ୍ତ ଥାନା ଅଧିକାରୀ ଅଞ୍ଜଳି ବେହେରାଙ୍କ ନେତୃତ୍ୱରେ ସଫଳତାର ସହ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିବା ବେଳେ ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଏମଭିକେ ଅଶୋକ ଉପସ୍ଥିତ ଥିଲେ । ସତ୍ୟସାଇ ସେବା ଗ୍ରୁପ ଓ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଭକ୍ତମାନଙ୍କୁ ପଣା ଓ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଧରାକୋଟ ଗ୍ରାମବାସୀ ଓ ମା'ଦଣ୍ଡକାଳି ଯୁବକ ସଂଘର ସଦସ୍ୟ ସହଯୋଗ କରିଥିଲେ ।

## ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ଛତ୍ରପୁର,୭ ।୪(ସମିସ):** ମଙ୍ଗଳବାର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି ଗଞ୍ଜାମ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦଳୀୟ ନେତା ଓ କର୍ମୀ ଏବଂ ଶୁଭେଚ୍ଛୁମାନେ ଶ୍ରୀ ସେଠୀଙ୍କୁ ଗଞ୍ଜାମ ଜିଲ୍ଲା ପରିଷଦ ଭବନ ନିକଟକୁ ଏକ ଶୋଭାଯାତ୍ରା ମାଧ୍ୟମରେ ପାଛୋଟି ଆଣିଥିଲେ । ସେଠାରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ତାଙ୍କୁ ସ୍ୱାଗତ ଜଣାଇଥିଲେ । ପରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଶ୍ରୀ ସେଠୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କୁ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ଆସନରେ ବସାଇଥିଲେ । ଏହା ପରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଓ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀମାନେ ଶୁଭେଚ୍ଛା ଜଣାଇଥିଲେ । ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ସେଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ବିପୁଳ ପରିମାଣର ଶାଗୁଆନ କାଠ ଜବତ

**ଛତ୍ରପୁର,୭ ।୪(ସମିସ):** ଛତ୍ରପୁର ନିକଟ ସାମିଆପଲ୍ଲୀ ଗ୍ରାମ ନିକଟରୁ ଭିଜିଲାନ୍ସ, ବନବିଭାଗ ମୋବାଇଲ ଟିମ୍, ଛତ୍ରପୁର ବନ ବିଭାଗ ବିପୁଳ ପରିମାଣର ଶାଗୁଆନ୍ କାଠ ଜବତ କରିଛି । ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା । ଉକ୍ତ ସ୍ଥାନରୁ ପ୍ରାୟ ୫୦ ଘନଫୁଟ ଶାଗୁଆନ କାଠ ଜବତ ହୋଇଛି । ଏହାର ଆନୁମାନିକ ବଜାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ବନବିଭାଗ କହିଛି । ଚଢ଼ଉରେ ଭିଜିଲାନ୍ସ ବନପାଳ ଏନ୍. ବାଲାଜୀ, ବନରକ୍ଷୀ ରାଜୀବ କୁମାର ପାତ୍ର ଓ ବିନାୟକ ରଞ୍ଜନ କର, ବନବିଭାଗ ମୋବାଇଲ୍ ଟିମ୍ ଡେପୁଟି ରେଞ୍ଜର ସ୍ୱାଗତିକା ସାହୁ, ବନପାଳ ସୁମିତ୍ରା ଭୁୟାଁ, ବନରକ୍ଷୀ ମାଧବ ବେହେରା ପ୍ରମୁଖ ସାମିଲ ଥିଲେ ।



# ଫାଇନାନ୍ସ କମ୍ପାନୀ ମ୍ୟାନେଜରଙ୍କୁ ହତ୍ୟା ଉଦ୍ୟମ; ୨ ଗିରଫ

**ଦିଗପହଣ୍ଡି,୭ ।୪(ସମିସ):**

ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ଗାଁ ନିକଟରେ ଥିବା କ୍ରସର ୟୁନିଟ ମାଲିକ ମଙ୍ଗୁଲୁ ପାତ୍ର ଦୀର୍ଘବର୍ଷ ହେଲା ଋଣ କିସ୍ତି ପରିଶୋଧ କରୁନଥିଲେ । ତେଣୁ କୋଲକତା ସ୍ଥିତ ସିଭିଲ କୋର୍ଟଙ୍କ ଆଦେଶ କ୍ରମେ କୋବେଲକୋ ମେସିନ-୨୨୦, ହାଇୱା ଟ୍ରକ୍‌କୁ ଜବତ କରିବାକୁ ଭୁବନେଶ୍ୱର ଜୟଦେବ ବିହାର ସ୍ଥିତ ଏଚ୍‌ଡିବି ଫାଇନାନ୍ସ ସର୍ଭିସ୍ କମ୍ପାନୀ ମ୍ୟାନେଜର ତଥା ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଛଣଗିରି ଗ୍ରାମର ରଞ୍ଜନ କୁମାର ପ୍ରଧାନ ଏବଂ ତାଙ୍କ ଗାଡ଼ି ଚାଳକ ସୋମବାର ଦିଗପହଣ୍ଡି ଥାନା ପୁଲିସ ଟିମ୍ ସହ ଯାଇଥିଲେ । ସେଠାରେ ଉପସ୍ଥିତ ଥିବା କ୍ରସର ମାଲିକ ମଙ୍ଗୁଲୁ ଏବଂ କ୍ରସର ୟୁନିଟର କର୍ମଚାରୀ କେ.ନୂଆଗାଁ ଥାନା ସହଦେବ ଟିକରପଡ଼ା ଗ୍ରାମର ଶିବରାମ ଗୌଡ଼, ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମର ନିତ୍ୟାନନ୍ଦ ପାଢ଼ଯୋଶୀ ରଞ୍ଜନଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ । ତାଙ୍କ ବେକରୁ ୧୫ ଗ୍ରାମ ଓଜନର ସୁନା ଚେନ ଛଡ଼ାଇ ନେଇଥିଲେ । ତାଙ୍କ ଗାଡ଼ି ଚାଳକ ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ତଳେ ପକାଇ ନିର୍ଦ୍ଦୟ ଛେଚିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ । ଥାନା ଏଏସ୍‌ଆଇ ଝୁନୁ ମାଝୀ ଓ ଅନ୍ୟ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ କ୍ରସର ୟୁନିଟର ଜଣେ ଟ୍ରଲର ଚାଳକ ରଞ୍ଜନଙ୍କୁ ବନ୍ଧୁକ ଦେଖାଇ ଏଠାରୁ ତୁରନ୍ତ ଚାଲିଯିବାକୁ କହି ହତ୍ୟା ଧମକ ଦେଇଥିଲେ । ପରେ ସେମାନେ ଜବତ କରାଯାଇଥିବା ହାଇୱା ଟ୍ରକ୍ ଏବଂ ପୁଲିସ ଗାଡ଼ି ସମ୍ମୁଖରେ ଏକ ଅନ୍ୟ ଏକ ହାଇୱା ଟ୍ରକ୍ ଓ ଏକ ସ୍କୁଟିକୁ ରଖିଦେଇ ରାସ୍ତା ଅବରୋଧ କରିବା ସହ ହାଇୱା ଟ୍ରକ୍ ସମେତ ପୁଲିସ ଜିପ୍ ଚକାର ପମ୍ପ ଖୋଲି ଦେଇ ଚମ୍ପଟ ମାରିଥିଲେ । ଖବରପାଇ ଥାନା ଆଇଆଇସି କିଶୋର କୁମାର ସାମଲ ସଦଳବଳ ସେଠାରେ ପହଞ୍ଚି ମ୍ୟାନେଜର ଏବଂ ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ । ମ୍ୟାନେଜର ଏନେଇ ଏତଲା ଦେବାପରେ ଆଇଆଇସି ମାମଲା ନଂ.୧୪୭/୨୬ରେ ମକଦ୍ଦମା ରୁଜୁ କରିଥିଲେ । ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ଏହି ଘଟଣାରେ ସମ୍ପୃକ୍ତ ଶିବରାମ ଗୌଡ଼ ଏବଂ ନିତ୍ୟାନନ୍ଦ ପାଢ଼ଯୋଶୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲେ । ତଦନ୍ତକାରୀ ଅଧିକାରୀ ହାଇୱା ଟ୍ରକ୍ ଏବଂ ସ୍କୁଟିକୁ ଜବତ କରିଛନ୍ତି । ଅନ୍ୟପକ୍ଷରେ ଏଏସ୍‌ଆଇ ଝୁନୁ ମାଝୀଙ୍କ ଏତଲାକ୍ରମେ ଥାନା ମାମଲା ନଂ.୧୪୮/୨୬ ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ଅନ୍ୟ ଏକ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି କହିଛନ୍ତି ।

# ଦଣ୍ଡନାଚରେ ଦୁଲୁକୁଛି ଲାଠୀ ଗ୍ରାମ



**କୁକୁଡ଼ାଖଣ୍ଡି,୭ ।୪(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମରେ ୧୩ ଦିନିଆ ଦଣ୍ଡନାଚ ଆରମ୍ଭ ହେବା ପରେ ବିଭିନ୍ନ ଦିନମାନଙ୍କରେ ବିଭିନ୍ନ ଗ୍ରାମର ଦଣ୍ଡନୃତ୍ୟ ଦଳ ନୃତ୍ୟ ପରିବେଷଣ କରୁଛନ୍ତି । ଗତ ୪ ତାରିଖରେ ଗୋଳାବନ୍ଧ ଗ୍ରାମର ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ସମରଝୋଳ ସମେତ କଲରାପଦର ଗ୍ରାମର ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା । ଦୁଇ ଦଣ୍ଡନାଚରେ ଲାଠୀ ଗ୍ରାମର ଶତାଧିକ ଦଣ୍ଡୁଆ ଅଂଶଗ୍ରହଣ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଅପରାହ୍ନରେ ଦୁଇ ଦଳ ଧୂଳିଦଣ୍ଡ ପରିବେଷଣ କରିବା ସହ ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ପରିବେଷଣ କରିଥିଲେ । ସନ୍ଧ୍ୟାରେ ମା' କାଳୀଙ୍କ ଆଳତୀ ଦର୍ଶନ କରିବା ଲାଗି ଗ୍ରାମବାସୀ ସମବେତ ହୋଇଥିଲା । ସମରଝୋଳ ଦଣ୍ଡନାଚରେ ପ୍ରାୟ ୮୫୦ଦଣ୍ଡୁଆ ଥିବାରୁ ଏତେସଂଖ୍ୟକ ଦଣ୍ଡୁଆଙ୍କ ଲାଗି ରାତ୍ରି ଭୋଗ ରୋଷେଇ କରିବା ଏକ ପ୍ରକାର ଉତ୍ସାହ ଦେଖାଦେଇଥିଲା ।

## ନୂଆଗଡ଼ ଗ୍ରାମରୁ ଚୋରି; ୭ ଗିରଫ



**କୋଦଳା,୭ ।୪(ସମିସ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ନୂଆଗଡ଼ ଗାଁରେ ହୋଇଥିବା ଏକ ବଡ଼ ଧରଣର ଚୋରି ମାମଲାର ପର୍ଦ୍ଦାଫାସ କରିଛି ବେଗୁନିଆପଡ଼ା ପୁଲିସ । ଗତମାସ ୨୦ ତାରିଖରେ ଗ୍ରାମର ପ୍ରଭାତ କୁମାର ସ୍ୱାଇଁଙ୍କ ଘରୁ ନଗଦ ଟଙ୍କା, ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିଲେ ଦୁର୍ବୃତ୍ତ । ଥାନା ଅଧିକାରୀ ଭଗବାନ ପୂଜାରୀଙ୍କ ତତ୍ତ୍ୱାବଧାନରେ ଚୋରି ଘଟଣାର ଛାନଭିନ୍ ଆରମ୍ଭ ହୋଇଥିଲା । ସୋମବାର ଏହି ମାମଲାରେ ୭ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ଗିରଫ ଅଭିଯୁକ୍ତ ହେଲେ ନୂଆଗଡ଼ ଗ୍ରାମର ନାଗା ଓରଫ ସୁଧିର ଜେନା ଓ ରମେଶ ସ୍ୱାଇଁ, ଜେ. ଛଚିନାର ରାଜୁ ଜେନା, ଭଗବାନ ପରିଡ଼ା ଓରଫ କୋରା, ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମର ସରୋଜ କୁମାର ବିଷୋୟୀ ଓରଫ୍ ମୁନା, ରମ୍ଭା ଥାନା ଅନ୍ତର୍ଗତ ଖଣ୍ଡି ଦେଉଳି ଗ୍ରାମର ସନ୍ତୋଷ କୁମାର ବେହେରା, ଶେରଗଡ଼ ଥାନା ଅନ୍ତର୍ଗତ କୁରୁଳା ଗ୍ରାମର ଟୁକୁନା ବେହେରା ବୋଲି ବେଗୁନିଆପଡ଼ା ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି । ସମସ୍ତ ଅଭିଯୁକ୍ତଙ୍କ ଠାରୁ ମୋବାଇଲ, ୩୦ ହଜାର ନଗଦ ଟଙ୍କା ସହ ୫୩୫ ଗ୍ରାମ ରୂପା ଅଳଙ୍କାର ଜବତ କରିଛି ପୁଲିସ ।

## ବ୍ଲକ ଅଞ୍ଚଳରେ ଜେଏମ୍‌ଏଫ୍‌ସି କୋର୍ଟ ନିର୍ମାଣ ଦାବି

**କୁକୁଡ଼ାଖଣ୍ଡି,୭ ।୪(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅଞ୍ଚଳର ବର୍ଦ୍ଧିତ ଜନସଂଖ୍ୟା ତଥା ଅପରାଧକୁ ଦୃଷ୍ଟିରେ ରଖି ବ୍ଲକ ମୁଖ୍ୟାଳୟ କୁକୁଡ଼ାଖଣ୍ଡି ପଞ୍ଚାୟତ କିମ୍ବା ଏହାର ଆଖାପାଖରେ ଜେଏମ୍‌ଏଫ୍‌ସି କୋର୍ଟ ନିର୍ମାଣ ନିମେନ୍ତ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ଚଳିତ ମାସ ୪ ତାରିଖରେ ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାସ ଓ ରେଜିଷ୍ଟ୍ରାର ଏସ୍ ସିଂ ଯାଇ ଆଙ୍କୁଶପୁର ସମେତ ଦୁଇ ସ୍ଥାନ ପରିଦର୍ଶନ କରିଥିଲେ । କିନ୍ତୁ ସଦ୍ୟ ପ୍ରକାଶିତ ବ୍ରହ୍ମପୁର ମହାନଗରନିଗମ ସମ୍ପ୍ରସାରଣ ତାଲିକାରେ ଆଙ୍କୁଶପୁର ରହିଛି । ଫଳରେ ଏହି କୋର୍ଟ ଗ୍ରାମାଞ୍ଚଳ ବଦଳରେ ସହରାଞ୍ଚଳରେ ନିର୍ମାଣ ହେବା ଭଳି ସ୍ଥିତି ହେବ । ଏଭଳି ସ୍ଥିତିରେ କୁକୁଡ଼ାଖଣ୍ଡି ବ୍ଲକ ଅଞ୍ଚଳବାସୀ ଉପକୃତ ହୋଇପାରିବେ ନାହିଁ । ତେଣୁ ଆଙ୍କୁଶପୁର ବଦଳରେ କୁକୁଡ଼ାଖଣ୍ଡି ପଞ୍ଚାୟତ ଅଞ୍ଚଳରେ ଏହି କୋର୍ଟ ନିର୍ମାଣ କରିବାକୁ ଅଞ୍ଚଳର ବରିଷ୍ଠ ଆଇନଜୀବୀ କରୁଣାକର ପାଣିଗ୍ରାହୀଙ୍କ ସମେତ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ପୋଲସରା,୭ ।୪(ସମିସ):** ପୋଲସରା ଥାନା ଅନ୍ତର୍ଗତ ସାବିତ୍ରୀବଗଡ଼ ସ୍କୁଲ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ସାବିତ୍ରୀବଗଡ଼ ଗ୍ରାମର କାହ୍ନା ବେହେରା (୩୭) । ସୋମବାର ରାତିରେ କାହ୍ନା ନିକଟସ୍ଥ ଭାବରଡ଼ା ଗ୍ରାମକୁ ଦଣ୍ଡନାଚ ଦେଖିବାକୁ ଯାଇଥିଲେ । କିନ୍ତୁ ମଙ୍ଗଳବାର ସକାଳୁ ନିଜ ଗ୍ରାମ ସ୍କୁଲ ବାରଣ୍ଡାରେ ତାଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଯୁବକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ଚୋରି ମାମଲାରେ ଯୁବକ ଗିରଫ

**ରଙ୍ଗେଇଲୁଣ୍ଡା,୭ ।୪(ସମିସ):** କେସିଏମ୍ ମେଡିସିନ ଷ୍ଟୋର ସଟର ତାଲା ଭାଙ୍ଗି ଚୋରି କରିବା ମାମଲାରେ ଗୋଳନ୍ଥରା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ବ୍ରହ୍ମପୁର ମହାନଗର ସୋମନାଥ ନଗର ୬ ଗଳିର ସେକ୍ ସଦାମ(୨୩) । ପୂର୍ବରୁ ଅଭିଯୁକ୍ତ ନାଁରେ ବ୍ରହ୍ମପୁର ଟାଉନ ଥାନାରେ ୪ଟି ମାମଲା, ଗୋଷାଣୀନୂଆଗାଁ ଓ ନିମଖଣ୍ଡି ଥାନାରେ ଗୋଟିଏ ଲେଖାଁଏ ମାମଲା ରହିଛି ।

ସୂଚନା ଅନୁସାରେ, ଏହି ଥାନା ଅଧିନସ୍ଥ ରଣ୍ଡା ଗ୍ରାମର ପଞ୍ଚମା ରାସ୍ତାରେ ଶିବ ପ୍ରସାଦ ସାମନ୍ତରାୟଙ୍କ ମେଡ଼ିସିନ ଷ୍ଟୋର ରହିଛି । ସବୁଦିନ ଭଳି ଗତ ମଙ୍ଗଳବାର ରାତି ସାଢ଼େ ୧୦ଟାବେଳେ ସେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ । ପରଦିନ ସକାଳୁ ଯାଇ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ । ଷ୍ଟୋରରୁ ଚୋରମାନେ ଗୋଟିଏ ମୋବାଇଲ ଫୋନ ସହ ୨୦ ହଜାର ଟଙ୍କା ଚୋରି କରିଥିବା ଜଣାପଡ଼ିବା ସହ ଚୋରମାନେ ରାତି ୩ଟାବେଳେ କାଣ୍ଡ ଭିଆଇଥିବା ସିସିଟିଭିରେ ରେକର୍ଡ ଥିଲା । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବ୍ରହ୍ମପୁର ସହର ଖାଜାସାହିରେ ସଦାମ୍ ଥିବା ଖବର ପାଇ ପୁଲିସ ତାକୁ ଉଠାଇ ଆଣି ପଚରାଉଚରା କରିଥିଲା । ପରେ ତା'ଠାରୁ ଘଟଣାସ୍ଥଳର ସିସିଟିଭି, ଗୋଟିଏ ସ୍କ୍ରୁ ଡ୍ରାଇଭର ଓ ୩ ହଜାର ୭ ଶହ ଟଙ୍କା ଜବତ କରିଛି ।

## ମରଣଯନ୍ତା ପାଲଟିଛି ଗଞ୍ଜାମ-ପୁରୀ ମୁଖ୍ୟ ରାସ୍ତା

**ହୁମ୍ମା,୭ ।୪(ସମିସ):** ମରଣଯନ୍ତା ପାଲଟିଛି ଗଞ୍ଜାମ-ପୁରୀ ଯିବା ମୁଖ୍ୟ ରାସ୍ତା । ଏହି ରାସ୍ତାଟି ପୁରୀ ଜିଲ୍ଲାକୁ ସଂଯୋଗ କରୁଥିବା ବେଳେ ରାସ୍ତାରେ ଭରି ରହିଛି ବିରାଟ ବିରାଟ ଗର୍ତ୍ତ । ଖାଲରେ ପାଣି ଜମି ରହୁଥିବାରୁ ଚାଲିବା ତ ଦୂରର କଥା ଗାଡିମୋଟର ଯିବା ବି କଷ୍ଟକର ହୋଇପଡୁଛି । ରାସ୍ତା ଦୂରାବସ୍ଥା ପାଇଁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ଶୀଘ୍ର ରାସ୍ତା ମରାମତି ନହେଲେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ସ୍ଥାନୀୟ ଲୋକେ । ଟିକିଏ ଅସାବଧାନ ହେଲେ ଦୁର୍ଘଟଣା ସୁନିଶ୍ଚିତ । ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମି ରହୁଛି । ଏ ହେଉଛି ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳି କୃଷ୍ଣପ୍ରସାଦ ସଂଯୋଗ କରୁଥିବା ରାସ୍ତାର ଦୂରାବସ୍ଥା । ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଗାଡ଼ି ଯାତାୟତ କରୁଛି ।



ହେଲେ ରାସ୍ତାର ଏଭଳି ଦୟନୀୟ ଅବସ୍ଥା ଲୋକଙ୍କ ଚିନ୍ତାର କାରଣ ପାଲଟିଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ପେଣ୍ଟୁରାବାଡ଼ି ଗାଁରୁ ଅହିରାଜ ଉଦ୍ଧାର

**ଦିଗପହଣ୍ଡି,୭ ।୪(ସମିସ):** ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ପେଣ୍ଟୁରାବାଡ଼ି ଗାଁରୁ ସୋମବାର ରାତି ପ୍ରାୟ ସାଢେ ୯ଟାରେ ୧୨ ଫୁଟ ଲମ୍ବର ଏକ ଅହିରାଜ (କିଙ୍ଗକୋବ୍ରା)କୁ ବନବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି । ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସାଙ୍ଗକୁ ଭୀଷଣ ବର୍ଷା ଯୋଗୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା । ରାତିରେ



ଗାଁ କେନାଲ ନିକଟ ନୀଳାଞ୍ଚଳ ସାହୁଙ୍କ ଜଳଖିଆ ହୋଟେଲ ପାଶ୍ୱର୍ରେ ଥିବା ଜାଳେଣି କାଠ ଗଦାରେ କିଛି ଗ୍ରାମବାସୀ ସାପର ଗର୍ଜନ ଶୁଣିଥିଲେ । ସାପ ଦେଖିବାକୁ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ହୋଇଥିଲା । ଗ୍ରାମର ଜଣେ ଯୁବକ ସ୍ନେକ୍ ହେଲ୍ପ ଲାଇନ ସଦସ୍ୟଙ୍କୁ ଫୋନ ଯୋଗେ ଜଣାଇଥିଲେ । ଏନେଇ ଦିଗପହଣ୍ଡି ବନବିଭାଗ କାର୍ଯ୍ୟାଳୟକୁ ସୂଚନା ଦିଆଯିବା ପରେ ରେଞ୍ଜର ଦିବ୍ୟରଞ୍ଜନ ସାହୁ, ଫରେଷ୍ଟର ସନ୍ତୋଷ ବିଷୋୟୀ ରତ୍ନଙ୍କ ସୂଚନା କ୍ରମେ ଫରେଷ୍ଟଗାର୍ଡ ରାଜ କୁମାର ରଇତ, ସୁଜାତା ସାହୁ ପହଞ୍ଚି ଅହିରାଜକୁ ଉଦ୍ଧାର କରି ଟାଙ୍ଗୁଡ଼ିଦେଇ ଜଙ୍ଗଲରେ ସୁରକ୍ଷିତ ଅବସ୍ଥାରେ ଛାଡିଥିବା ଜଣାପଡ଼ିଛି ।

ସୂଚନା ଯୋଗ୍ୟ ଯେ, ଗତ ୨୯ ତାରିଖ ସକାଳେ ନୀଳାଞ୍ଚଳଙ୍କ ହୋଟେଲ କ୍ୟାବିନ୍ ତଳୁ ୨ଟି ଅହିରାଜ ସାପକୁ ବନବିଭାଗ କର୍ମଚାରୀ ଉଦ୍ଧାର କରିଥିଲେ । ନିକଟସ୍ଥ ଜଙ୍ଗଲରୁ ଅହିରାଜ ସାପଗୁଡିକ ବାରମ୍ବାର ଜନବସତି ଅଞ୍ଚଳକୁ ଚାଲି ଆସୁଥିବାର ଯଥେଷ୍ଟ କାରଣ ଜଣାପଡୁନାହିଁ । ତେବେ ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁ ଅହିରାଜ ସାପଗୁଡ଼ିକ ଜନବସତିକୁ ଚାଲି ଆସୁଥିବା ପ୍ରାଣୀ ବିଜ୍ଞାନୀମାନଙ୍କ ସହ ଆଲୋଚନାରୁ ଜଣାପଡ଼ିଛି ।

# ଗ୍ୟାସ ସଂକଟ; ସୁରତରୁ ଗଞ୍ଜାମମୁହାଁ ପ୍ରବାସୀ

**ବ୍ରହ୍ମପୁର,୭ ।୪(ସମିସ):**



ଦାଦନ ପ୍ରବଣ ଜିଲ୍ଲା ଗଞ୍ଜାମରୁ ପ୍ରତିବର୍ଷ ଅନେକ ଶ୍ରମିକ ଜୀବିକା ଅନ୍ୱେଷଣରେ ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ତାମିଲନାଡୁ ଭଳି ରାଜ୍ୟକୁ ଯାଉଛନ୍ତି । ସେଥିରୁ ଅଧିକାଂଶ ଶ୍ରମିକ ଗୁଜୁରାଟର ସୁରତ ସହରକୁ ଯାଇ ଜୀବିକା ନିର୍ବାହ କରୁଛନ୍ତି । ଯାହା ମିନି ଓଡ଼ିଶାରେ ପରିଗଣିତ ହୋଇଛି । କିନ୍ତୁ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ସାରା ଦେଶରେ ଦେଖା ଦେଇଥିବା ଗ୍ୟାସ ସଙ୍କଟ ସୁରତରେ ବସବାସ କରୁଥିବା ପ୍ରବାସୀ ଶ୍ରମିକଙ୍କ ଜୀବନକୁ ଅସ୍ଥିର କରିଦେଇଛି । ସୁରତରେ ଗ୍ୟାସ ସିଲିଣ୍ଡର ଅଭାବ ସହ କଳାବଜାରୀ ବଢ଼ିବାରୁ ପ୍ରବାସୀମାନେ ଗୁରୁତର ସମସ୍ୟାରେ ପଡ଼ିଛନ୍ତି । ସାଧାରଣତଃ ସୁରତରେ ଗ୍ୟାସ ଦର ୯୧୮.୫୦ପଇସା ରହିଥିବା ବେଳେ ମଧ୍ୟପ୍ରାଚ୍ୟ ଯୁଦ୍ଧର ପରଠାରୁ ଦରର ଠିକ ଠିକଣା ନାହିଁ । କଳା ବ୍ୟବବସାୟୀଙ୍କ ମୁହଁରୁ ଯେଉଁ ଦର ବହାରେ ତାହା ଗ୍ୟାସ ସିଲିଣ୍ଡରୁ ଦର ସ୍ଥିର ହୋଇଯାଏ । ଯେଉଁ ଗ୍ୟାସ ସିଲିଣ୍ଡର ସହଜ ଦରରେ ମିଳିବା କଥା, ସେଥିପାଇଁ ବର୍ତ୍ତମାନ ୫ହଜାରରୁ ୭ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଥିବା ସୁରତରେ ରହୁଥିବା ପ୍ରବାସୀ ଶ୍ରମିକ ସାଗର ପାଢ଼ୀ କହିଛନ୍ତି । ଅତ୍ୟାଧିକ ଦର ଦେଇ ଗ୍ୟାସ କ୍ରୟ କରିବା ପ୍ରବାସୀ ଶ୍ରମିକଙ୍କ କଳା ବଜାରୀ ଦରରେ ଗ୍ୟାସ କ୍ରୟ କରି ରୋଷେଇ କରିବା କଷ୍ଟକର ହୋଇ ପଡ଼ିଛି । ଫଳରେ କାର୍ଯ୍ୟସ୍ଥଳ ଛାଡ଼ି ନିଜ ଗ୍ରାମ ମୁହାଁ ହେବା ସେମାନେ ବାଧ୍ୟ ହୋଇଛନ୍ତି । ସାଧାରଣତଃ ଦଣ୍ଡନାଚ ପୂର୍ବରୁ ସୁରତରେ ରହୁଥିବା ପ୍ରବାସୀ ଶ୍ରମିକ ଦଣ୍ଡନାଚ ଓ ମେରୁ ଯାତ୍ର ନିମନ୍ତେ ଓଡ଼ିଶାକୁ ଫେରିଥିବା ବେଳେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଦଣ୍ଡନାଚ ପୂର୍ବରୁ ହଜାର ହଜାର ପ୍ରବାସୀ ଶ୍ରମିକ ସପ୍ତାହର ବିଭିନ୍ନ ଦିନରେ ଜିଲ୍ଲାକୁ ଫେରୁଥିବା ବ୍ରହ୍ମପୁର ଷ୍ଟେସନରେ ଦେଖିବାକୁ ମଳିଛି । ଅନ୍ୟପକ୍ଷରେ ସୁରଟରେ ପ୍ରାୟ ୫ଲକ୍ଷ ଗଞ୍ଜାମ ଜିଲ୍ଲାର ଲୋକ ବସବାସ କରୁଛନ୍ତି । ସେଥିମଧ୍ୟରୁ ପ୍ରାୟ ୭୦ଶତକଡ଼ା ଶ୍ରମିକଙ୍କ ପାଖରେ ଗ୍ୟାସ ଖାତା ରହିଥିବା ବେଳେ ଅନ୍ୟ ୩୦ଶତକଡ଼ା ଲୋକ କଳାବଜାରୀର ଶିକାର ହେଉଛନ୍ତି । ଏଭଳି ଭାବେ ସୁରତରେ ରହୁଥିବା ପ୍ରାୟ ଦେଢ଼ ଲକ୍ଷ ଲୋକ ଗ୍ୟାସ ସଙ୍କଟର ସିଧାସଳଖ ପ୍ରଭାବରେ ପଡ଼ିଛନ୍ତି । ଏହି ପରିସ୍ଥିତିରେ ଅନେକ ପ୍ରବାସୀ ଶ୍ରମିକ ସୁରତରେ ରହିବାକୁ ଅସମର୍ଥ ହୋଇ ନିଜ ଗାଁକୁ ଫେରିବାକୁ ବାଧ୍ୟ ହେଉଛନ୍ତି । କାମ ଓ ଖାଦ୍ୟ ସମସ୍ୟା ସହ ଗ୍ୟାସ ଅଭାବ ମିଶି ପ୍ରବାସୀଙ୍କ ଜୀବନକୁ ଦୁର୍ବିସହ କରିଦେଇଛି । ଏପରି ସଙ୍କଟକାଳୀନ ପରିସ୍ଥିତିରେ ପ୍ରଶାସନଙ୍କ ତରଫରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ପ୍ରବାସୀ ଶ୍ରମିକଙ୍କୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି । ପ୍ରକାଶଯୋଗ୍ୟ ଯେ, ବହୁ ଶ୍ରମିକ ଦଣ୍ଡନାଚ ସମୟରେ ଗଞ୍ଜାମ ଆସୁଛନ୍ତି । ଏଠାରେ ଅପରାଧିକ କାର୍ଯ୍ୟକଳାପ କରି ପୁଣି ସୁରତ ଯାଆନ୍ତି । ଏହି ଗସ୍ତ ମଧ୍ୟ ପୁଲିସ ପାଇଁ ସତର୍କ ଘଣ୍ଟି ନିଶ୍ଚୟ । ପୁଲିସ ପ୍ରଶାସନ ଏଥିପ୍ରତି ଜାଗ୍ରତ ହେବା ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

- ନିରୁପାୟ ଦେଢ଼ଲକ୍ଷ ଶ୍ରମିକ, ସିଲିଣ୍ଡର ଦାମ୍ ୫ହଜାର
- ଅପରାଧ ବଢ଼ିବା ଆଶଙ୍କା, ପୁଲିସ ପାଇଁ ସତର୍କ ଘଣ୍ଟି

## କଣ୍ଢେଇ ନାଚ ଦ୍ୱାରା ଅନ୍ଧବିଶ୍ୱାସ ଦୂର ପାଇଁ ସଚେତନତା



**ଭଞ୍ଜନଗର,୭ ।୪(ସମିସ):** ଗଞ୍ଜାମ ଜିଲ୍ଲାର ଅନେକ ଉପାନ୍ତ ଅଞ୍ଚଳରେ ଗୁଣିଗାରେଡ଼ି, ଝଡାଫୁଙ୍କା ଭଳି ଅନେକ ଅନ୍ଧବିଶ୍ୱାସ ଭରି ରହିଛି । ଆଉ ଏହାର ପ୍ରଭାବ ରେ ଅନେକ ନିରୀହ ଜୀବନ ଅକାଳରେ ଝଡ଼ି ପଡୁଛି । ଏଣୁ ଏହା ପଛରେ ନପଡ଼ି ନିଜ ପରିବାରର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ତାରାସିଙ୍ଗି ଥାନା ପକ୍ଷରୁ ବ୍ରାହ୍ମଣପଦର ଓ ରୁଢାପଦରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଞ୍ଜନଗର ଏଏସ୍‌ପି ରଞ୍ଜନ କୁମାର ଦେ, ଏସ୍‌ଡିପିଓ ଡକ୍ଟର ଦୀପକ କୁମାର ମିଶ୍ର, ତାରାସିଙ୍ଗି ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ଓ ବରିଷ୍ଠ ସାମ୍ବାଦିକ ଲୋକନାଥ କର ପ୍ରମୁଖ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇବାକୁ ପ୍ରୟାସ କରିଥିଲେ । ବ୍ରାହ୍ମଣପଦରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବନମାଳୀ ଗୌଡ଼ ଅଧ୍ୟକ୍ଷତା କରିଥିବା ବେଳେ ସମାଜସେବୀ ଶ୍ୟାମସୁନ୍ଦର ସାହୁ ସଭା ସଂଯୋଜନା କରିଥିଲେ । ପରେ ବଡ଼କୋଦଣ୍ଡା ଗ୍ରାମର କଣ୍ଢେଇ ଅପେରା ମାଧ୍ୟମରେ ସଚେତନ କରାଯାଇଥିଲା । ଏଥିରେ ତାରାସିଙ୍ଗି ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

# ଅସରାଏ ବର୍ଷାରେ ବେହାଲ୍ ପାରଳା ସହରର ଗଳିକନ୍ଦି





ପାରଳାଖେମୁଣ୍ଡି, ୭ ।୪ (ସମିସ) :



ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଆଜି ଅପରାହ୍ନ ସମୟରେ ସାମାନ୍ୟ ବର୍ଷା ହୋଇଥିଲା । ହେଲେ ସହରରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ଯୋଗୁ ବର୍ଜ୍ୟଜଳ ନିଷ୍କାସିତ ହୋଇ ନପାରି ରାସ୍ତା ଉପରେ ଭାସୁଥିବା ଦେଖିବାକୁ ମିଳିଛି । ସହରରେ ଡ୍ରେନେଜ ବ୍ୟବସ୍ଥା ଶୋଚନୀୟ ହୋଇପଡ଼ିଛି । ପୁରାତନ ନାଳଗୁଡିକର ପୁନରୁଦ୍ଧାର ନାମରେ ନିମ୍ନ ତଥା ଯୋଜନାବିହୀନ ଭାବେ କାର୍ଯ୍ୟ କରାଯାଇଥିବାରୁ ଅସରାଏ ବର୍ଷା ହେଲେ ବର୍ଷାଜଳ ତଥା କର୍ଦ୍ଦମାକ୍ତ ଜଳ ସଠିକ ଭାବେ ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରେ ଭାସୁଛି । ଯାହାକି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବାବେଳେ ସାମାନ୍ୟ ବର୍ଷା ହେଲେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜୁଛି । ପାରଳାଖେମୁଣ୍ଡି ପୌରପାଳିକା ମୋଟ ୧୬ଟି ୱାର୍ଡର ୧୭୦ ସାହିରୁ ଉର୍ଦ୍ଧ୍ୱକୁ ନେଇ ଗଠିତ ଓ ଜନସଂଖ୍ୟା ପାଖାପାଖି ୧ଲକ୍ଷ । ବର୍ତ୍ତମାନ ଉନ୍ନୟନ ନାମରେ ଧିରେ ଧିରେ ନାଳ ଗୁଡିକ ସଂକୁଚିତ ହେବାରେ ଲାଗିଛି । ଜବରଦଖଲକାରୀମାନେ ନାଳ ଉପରେ ବାସଗୃହ କରିଥିବା ବେଳେ ପୌରପରିଷଦ ତରଫରୁ ପୁନରୁଦ୍ଧାର ତଥା ନୂତନ ଭାବେ ନାଳ ନିର୍ମାଣରେ ତ୍ରୁଟିପୂର୍ଣ୍ଣ ଯୋଜନା ବା ଦାୟିତ୍ୱ ହୀନତା କାର୍ଯ୍ୟ ଯୋଗୁ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଲାଣି ।

ବିଶେଷ କରି ବର୍ଷାହେଲେ ଡ୍ରେନ୍‌ର ମଇଳା ପାଣି ଘର ଭିତରେ ପଶିଯାଉଛି । ଅନ୍ୟପକ୍ଷରେ ଆଜିର ବର୍ଷାର ପ୍ରଭାବରେ ପୌରପରିଷଦ କାର୍ଯ୍ୟାଳୟ ନିକଟସ୍ଥ ସିଙ୍କିସାହିରେ ଥିବା ବିଦ୍ୟାଳୟ ପରିସରର ଏକ ନଡ଼ିଆଗଛ ପଡ଼ିଯିବା ଅବସ୍ଥାରେ ରହିଛି । ଗଛଟି ବିପଦପୂର୍ଣ୍ଣ ଭାବେ ଅନ୍ୟ ଏକ ଗଛର ସାହାରାରେ ଝୁଲି ରହିଛି । ଏହି ନଡ଼ିଆଗଛଟି ଆସ୍ତେ ଆସ୍ତେ ରାସ୍ତା ଓ ସାହିର ଘର ଉପରେ ଢଳିବାରେ ଲାଗିଛି । ଯାହାକୁ ତୁରନ୍ତ ହଟାଇବାକୁ ଦାବି ହେଉଛି । ଯଦି ଏହି ଗଛଟିକୁ କଟା ନଯାଏ ତେବେ ଧନଜୀବନ ନଷ୍ଟ ହେବା ଆଶଙ୍କା ରହିଛି ।

# ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ

ଛତ୍ରପୁର,୭ ।୪(ସମିସ): ଆଜି ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ କର୍ମଶାଳା ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହା ମାଧ୍ୟମରେ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ହେଉଥିବା ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡିକର ସଫଳ ଓ ତ୍ୱରିତ ରୂପାୟନ କରିବାର ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ଏବଂ ଓଡିଶା ପ୍ରଶାସନିକ ସେବା ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଲକ୍ଷ୍ୟ ନିକେତନ ମାଧ୍ୟମରେ ଅଭିଜ୍ଞ ଆଇଏଏସ୍, ଆଇପିଏସ୍. ଏବଂ ଅବସରପ୍ରାପ୍ତ ଅଧିକାରୀମାନଙ୍କ ଦ୍ୱାରା ମାଗଣା କୋଚିଂ, ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କ ତଥ୍ୟ ଓ ଶିକ୍ଷା ଅଗ୍ରଗତି ତଦାରଖ ଗଞ୍ଜାମ ୩୬୦ ଆପ ମାଧ୍ୟମରେ କରାଯିବାର ଲକ୍ଷ୍ୟ ରଖାଯାଇଛି । ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଠାରୁ ଆରମ୍ଭ କରି ସେମାନଙ୍କର ପରୀକ୍ଷାଫଳ ପର୍ଯ୍ୟନ୍ତ ସବୁକିଛି ଏହି ପୋର୍ଟାଲ ମାଧ୍ୟମରେ ଟ୍ରାକ କରାଯାଇପାରିବ । ସ୍କୁଲରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ, ପାନୀୟ ଜଳ, ଶୌଚାଳୟର ପରିଚ୍ଛନ୍ନତା ଏବଂ ଅନ୍ୟାନ୍ୟ ସୁବିଧାର ସ୍ଥିତି କିପରି ଅଛି ତାହା ଅଧିକାରୀମାନେ ତଦାରଖ କରି ଏହି ମୋବାଇଲ୍ ଆପ୍‌ରେ ଲିପିବଦ୍ଧ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ଆପର ସଫଳ ଓ ପାରଦର୍ଶୀ ବ୍ୟବହାର ଗଞ୍ଜାମ ଜିଲ୍ଲାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି । ଗଞ୍ଜାମ ୩୬୦ ଆପ୍ କିପରି ଡାଉନଲୋଡ୍ କରାଯାଇପାରିବ ଓ ଏହାକୁ କିପରି ବ୍ୟବହାର କରାଯିବ ସମସ୍ତ ବିଷୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ ।

# ପରିବା ଚାଷୀଙ୍କ ନିମନ୍ତେ ଡିସେଣ୍ଟ୍ରାଲାଇଜ ମୋଡ଼ରେ ପ୍ରସ୍ତୁତ ହେବ ଶୀତଳ ଭଣ୍ଡାର

ଛତ୍ରପୁର,୭ ।୪(ସମିସ): ଛତ୍ରପୁର, ଗଞ୍ଜାମ ଓ ପୁରୁଷୋତ୍ତମପୁର ବ୍ଲକ ଅଞ୍ଚଳରେ ବହୁ ପରିମାଣରେ ପନିପରିବା ଚାଷକୁ ଚାଷୀ ମାନେ ଗୁରୁତ୍ୱ ଦେଉଛନ୍ତି । ଟମାଟ, ଫୁଲ କୋବି, ବାଇଗଣ ଭଳି ବିଭିନ୍ନ ପନିପରିବା ଚାଷ ନିମନ୍ତେ ପ୍ରସିଦ୍ଧ ରହିଛି ଏହି ବ୍ଲକ ଗୁଡିକରେ । ଚାଷୀ ମାନଙ୍କ ସୁବିଧା ନିମନ୍ତେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ପରାମର୍ଶ କ୍ରମେ ଜିଲ୍ଲା ପ୍ରଶାସନ ଆଗାମୀ ଦିନରେ ଆରଏମସି ପକ୍ଷରୁ ନୂତନ କୋଲଡ୍ ଷ୍ଟୋରେଜ (ଶୀତଳ ଭଣ୍ଡାର) ଡି ସେଣ୍ଟ୍ରାଲାଇଜ ମୋଡରେ ପ୍ରସ୍ତୁତ କରାଯିବ । ଏହା ସହିତ ପ୍ରତ୍ୟେକ ପଞ୍ଚାୟତରେ ୫/୧୦ ଏମଟି ଜାଗା ଚିହ୍ନଟ କରାଯାଇ ଛୋଟ ଛୋଟ ଶୀତଳ ଭଣ୍ଡାର କରାଯିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି । କରାତଳି ତାମ୍ପରା ଓ ମଳାଡ଼ ତାମ୍ପରାକୁ କଂସାରୀ ଗଣ୍ଡରୁ କିପରି ପାଣି ଆସିବ, ପାଣି ଗୁଡିକ ଷ୍ଟୋରେଜ ହୋଇ ପାରିବ ଚାଷୀମାନେ ଜଳସେଚନ ଦିଗରେ କିପରି ଆହୁରୀ ଅଧିକ ସୁବିଧା ପାଇଁ ପାରିବେ ସେଥିପାଇଁ ନିମନ୍ତେ କାମ କରାଯାଇଛି ବୋଲି ମଧ୍ୟ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

# ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟରେ ମ୍ୟାଜିକ୍ ଶୋ’

ବ୍ରହ୍ମପୁର,୭ ।୪(ସମିସ): ଗଞ୍ଜାମ ଓକିଲ ସଂଘର ସଦସ୍ୟଙ୍କୁ ଚକମା ଦେଇଛନ୍ତି ମହାରାଷ୍ଟ୍ରର ଜାଦୁଗର ସୟଦ ତାଜ । କେବଳ ଚକମା ଦେଇନାହାନ୍ତି ବରଂ ଶୋ ସମୟରେ ଉପସ୍ଥିତ ସମସ୍ତ ଅଧିବକ୍ତାଙ୍କୁ ମନୋରଂଜନ ମଧ କରିଛନ୍ତି । ଆଜି ମଧ୍ୟାହ୍ନରେ ସଂଘର ଆଇନଜୀବୀ ସଦସ୍ୟମାନେ ନିଜନିଜର କାର୍ଯ୍ୟ ବ୍ୟସ୍ତତାରୁ କିଛି ସମୟ ବାହାର କରି ସଂଘ କାର୍ଯ୍ୟାଳୟରେ ବିଶ୍ରାମ ନେଉଥିବା ବେଳେ ଏହି ମ୍ୟାଜିକ ଶୋ କାର୍ଯ୍ୟକ୍ରମ ହୋଇଥିଲା । ମହାରାଷ୍ଟ୍ରର ଅମରାବତୀ ଇଲାକାର ଯାଦୁଗର ସୟଦ ତାଜ ନିଜ ଯାଦୁଗରୀ କଳା କଳା ଓ ନୈପୁଣ୍ୟ ଜରିଆରେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ଖୁବ୍ କମ ସମୟରେ ଖାଲି ମେଜିକ ବକ୍ସରୁ ଅନବରତ ବିଭିନ୍ନ ସାମଗ୍ରୀ ବାହାର କରିବା, ବଲକୁ ଉଭାନ କରିବା, ସହଯୋଗୀଙ୍କ ନାକରୁ ଦୀର୍ଘତମ ଦୂରତା ବିଶିଷ୍ଟ ସୂତା ବାହାର କରିବା, ଖଣ୍ଡ ବିଖଣ୍ଡିତ ଦଉଡ଼ିକୁ ଏକାଠି କରିବା ସହିତ ଏକାଧିକ ଚକ୍ଷୁବନ୍ଧନ ଭଳି କାର୍ଯ୍ୟକ୍ରମ କରି ଯାଦୁଗର ସୟଦ ତାଜ ସମସ୍ତଙ୍କୁ ଚକିତ କରିଥିଲେ । ଏହି ଅବସରରେ ଗଞ୍ଜାମ ଓକିଲ ସଂଘର ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର, ସଭାପତି ସିତାଂଶୁ ଶେଖର ପଣ୍ଡା, ସମ୍ପାଦକ ଜଗନ୍ନାଥ ମିଶ୍ର, ଉପ ସଭାପତି ସତ୍ୟନାରାୟଣ ବସନ୍ତିଆ, ସହ ସମ୍ପାଦକ ରଂଜନ ସାମନ୍ତରାଙ୍କ ସମେତ ପୂର୍ବତନ ସମ୍ପାଦକ ଟି. ଭେଙ୍କେଟ ରାଓ, ସହ ସମ୍ପାଦକ ଅସିତ କୁମାର ସାବତ ପ୍ରମୁଖଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ ।



## ସରକାରୀ କୋଠାରେ ତାଲା

# ଅଧିକାରୀଙ୍କ ଦେଖାମିଳୁନି

କୁକୁଡ଼ାଖଣ୍ଡି,୭ ।୪(ସମିସ): ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ହେଉଥିବା କାର୍ଯ୍ୟର ତଦାରଖ କରିବା ପାଇଁ କୁକୁଡ଼ାଖଣ୍ଡି ବ୍ଲକରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କୋଠା ନିର୍ମାଣ ହୋଇଛି । ଏହି କୋଠା ଗୁଡ଼ିକ ମଧ୍ୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆବାସିକ ବାସଭବନ ରହିଛି । କାର୍ଯ୍ୟାଳୟରେ ପିଅନ କିମ୍ବା ଅନ୍ୟ କୌଣସି କର୍ମଚାରୀ ନଥିବା ବେଳେ ଉକ୍ତ କାର୍ଯ୍ୟାଳୟ କେତେବେଳେ ଖୋଲା ରହୁଛି ତାହା ଜଣାପଡୁନି । ଫଳରେ କୌଣସି କାର୍ଯ୍ୟରେ ସାଧାରଣ ଲୋକଟିଏ ଏହି କାର୍ଯ୍ୟାଳୟକୁ ଯାଇ ନିରାଶ ହେଉଛନ୍ତି । ଏନେଇ ଡିସେମ୍ବର ୧୫ ଓ ୨୫ ତାରିଖରେ ‘ସକାଳ’ ଖବର କାଗଜରେ ‘ଭୂତକୋଠୀ ପାଲଟିଛି ଗ୍ରାମ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ’ ଶୀର୍ଷକରେ ଖବର ପ୍ରକାଶିତ ହୋଇଥିଲା । ଏହା ସତ୍ତ୍ୱେ ସମ୍ପୃକ୍ତ ଯନ୍ତ୍ରୀ ଓ ବିଭାଗ କର୍ଣ୍ଣପାତ କରୁନାହାନ୍ତି । ଲୋକଙ୍କ ସୁବିଧା ଲାଗି ସରକାର ବ୍ୟାପକ ଅର୍ଥ ବ୍ୟୟ କରି କୋଠା ନିର୍ମାଣ କରୁଥିବାବେଳେ ଲୋକଙ୍କ ସେବାରେ ଏହା ଆସୁନି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସରକାର୍ କା ମାଲ୍ ଦରିଆ ମେ ଡାଲ୍ ଭଳି ସ୍ଥିତି ସୃଷ୍ଟି ହୋଇଛି । ଏହି କାର୍ଯ୍ୟାଳୟ ଯେଉଁ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ସେମାନଙ୍କ ଦେଖାମିଳୁନି କିମ୍ବା ଯୋଗାଯୋଗ କରିବାକୁ ଚେଷ୍ଟା କରାଗଲେ ମଧ୍ୟ ତାହା ସମ୍ଭବ ହୋଇପାରୁନି । କାର୍ଯ୍ୟାଳୟ ସମେତ ଅଧିକାରୀଙ୍କ ପାଇଁ ଥିବା ସରକାରୀ ବାସଭବନ ମଧ୍ୟ ବ୍ୟବହାର ନହୋଇ ଏକ ରକମର ଭୂତ କୋଠି ପାଲଟିଛି । ମୁଖ୍ୟ କାର୍ଯ୍ୟାଳୟରୁ ପିଅନ କିମ୍ବା ଅନ୍ୟ କର୍ମଚାରୀଙ୍କୁ ଏଠାରେ ନିୟୋଜିତ କରାଗଲେ କାର୍ଯ୍ୟାଳୟଟି ନିୟମିତ ଖୋଲାରହି କାର୍ଯ୍ୟକ୍ଷମ ହେବା ସହ ଲୋକଙ୍କ ସେବାରେ ଆସିପାରିବ ବୋଲି ମତ ପ୍ରକାଶ ପାଇଛି ।



# ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଗୋଷାଣି ବ୍ଲକ ଗସ୍ତ

**ଗୋଷାଣି,୭ ।୪(ସମିସ):** ଗଜପତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ଦୟାମୟ ପାଢ଼ୀ ଦାୟିତ୍ୱ ଗ୍ରହଣ ପରେ ଆଜି ଗୋଷାଣି ବ୍ଲକକୁ ପ୍ରଥମ ଗସ୍ତ କରିଥଲେ । ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଉପରେ ତଦାରଖ କରିଥିଲେ । ବିଜିବିଓ କାମ, ଆବାସ ଯୋଜନାର ପ୍ରଗତି, ଅଙ୍ଗନବାଡି କେନ୍ଦ୍ର ଓ ହର ଘର ଜଳ ଯୋଜନା ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ମହିଳାଙ୍କ ଦ୍ୱାରା ବାଉଁଶ ତିଆରି ବିଭିନ୍ନ କାମ ଓ ସୂର୍ଯ୍ୟମୁଖୀ ଚାଷ ବୁଲି ଦେଖିଥିଲେ । ଜୀବିକା ମିଶନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ପାଇଁ ଆଉ କିଛି କରି ସେମାନଙ୍କ ରୋଜଗାର କିପରି ବଢ଼ିବ ସେଥିପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ । ଉନ୍ନୟନ ଅଧିକାରୀ ଶ୍ରୀ ପାଢ଼ୀଙ୍କ ଗସ୍ତ ସମୟରେ ଗୋଷାଣି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର, ସିଡିପିଓ ନମିତା ମହାରଣାଙ୍କ ସମେତ ସମସ୍ତ ଯନ୍ତ୍ରୀ, ମିଶନ ଶକ୍ତିର ଆମ୍ରିତ ପରିଚ୍ଛା ଓ ମାନସ କୁମାର ପାଣି ଉପସ୍ଥିତ ଥିଲେ ।



# ପିଲାଙ୍କୁ ବର୍ଣ୍ଣବୋଧ ବାଣ୍ଟିଲେ ଜିଲ୍ଲାପାଳ



ଛତ୍ରପୁର,୭ ।୪(ସମିସ): ଓଡ଼ିଆ ପକ୍ଷ -୨୦୨୬ ପାଳନ ଅବସରରେ ଜିଲ୍ଲାସ୍ତରୀୟ ଶିଶୁ କଥା ଦିବସ ଛତ୍ରପୁର ସ୍ଥିତ ପିଏମ୍‌ଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ବର୍ଣ୍ଣବୋଧ ବଣ୍ଟନ କରିଥିଲେ । ଖେଳ ସହିତ ପାଠ ପଢ଼ିବାର ମଧ ନିହାତି ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷାଅଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଭାତୀ ମହାପାତ୍ର, ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ସହ ଅନ୍ୟାନ୍ୟ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

## ଜି.ଉଦୟଗିରିରେ ପଞ୍ଜୁଦଣ୍ଡ ମହାମିଳନ

ଜି.ଉଦୟଗିରି,୭ ।୪(ସମିସ): ଜି.ଉଦୟଗିରି ଶ୍ରୀରାମପଦାରେ ଆଜି ପଞ୍ଜୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଛି । ଏହି ମହାମିଳନ ପାଇଁ ପଞ୍ଜୁଦଣ୍ଡ ମହାମିଳନ ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ପେନେଲା, ବାଗରମା, ଗଣ୍ଡଗାଁ, କଇଁଝର ଓ ସିରକାକୁଟି ଦଣ୍ଡଭାଗ ନେଇଥିଲେ । ସକାଳେ ପଟୁଆରରେ ବରଣ କରି ସହର ପରିକ୍ରମା କରାଯାଇଥିବା ବେଳେ ଅପରାହ୍ନରେ ଧୂଳିଦଣ୍ଡ, ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମ ପଡିଆରେ ପଞ୍ଜୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଥିଲା ।

# ବିଜେପି ପ୍ରତିଷ୍ଠା ଦିବସ ପାଳିତ




ଶେରଗଡ଼,୭ ।୪(ସମିସ): ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ଶେରଗଡ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପାଳିତ ହୋଇଯାଇଛି । ଏନେଇ ଅନୁଷ୍ଠିତ ଶୋଭାଯାତ୍ରା ସମୟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସମାଜସେବୀ ନିରଞ୍ଜନ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ଶିଶିର କୁମାର ମିଶ୍ର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ରପୁର ସରପଞ୍ଚ ଗୁରୁନାଥ ପୋଲେଇ, ଖିରିଡା ପୂର୍ବତନ ସରପଞ୍ଚ ଅଜିତ କୁମାର ଜେନା, ଶେରଗଡ ମଣ୍ଡଳ ସଭାପତି ସଞ୍ଜୟ ଜେନା, ପିଉଲ ମଣ୍ଡଳ ସଭାପତି ବିଜୟ ପ୍ରଧାନ, ପୂର୍ବତନ ପିଉଲ ମଣ୍ଡଳ ସଭାପତି ନୟନ କୁମାର ମଲ୍ଲିକ, ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ସହିତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

● ବିଜ୍ଞାପିତ ଅଞ୍ଚଳର ବିକଳ ଚିତ୍ର

# ଅସରାଏ ବର୍ଷାରେ ରାସ୍ତା ବେହାଲ

ଜଗନ୍ନାଥପ୍ରସାଦ,୭ ।୪(ସମିସ): ଜଗନ୍ନାଥପ୍ରସାଦ ବିଜ୍ଞାପିତ ଅଞ୍ଚଳରେ ରବିବାର କାଳବୈଶାଖୀ ବର୍ଷା ହେବାରୁ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିକଟ ଜଳିସାହି, ଗ୍ରାମଦେବତୀ ମନ୍ଦିର ରାସ୍ତା ଏବଂ ଜଗନ୍ନାଥ ମନ୍ଦିରର ସାମ୍ନାରେ କୁଢ଼ କୁଢ଼ ଅଳିଆ ରାସ୍ତାରେ ଭାସୁଥିବାର ଚିତ୍ର ବିଭିନ୍ନ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି । ଏପରିକି ସାମାନ୍ୟ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମାହୋଇ ରହିଛି । ଉଭୟ ପାଶ୍ୱର୍ରେ ଡ୍ରେନେଜ ବ୍ୟବସ୍ଥା ନ ଥିବା କାରଣରୁ କୁଢ଼ କୁଢ଼ ଆବର୍ଜନା ଅଳିଆ ରାସ୍ତା ଉପରେ ଗଦା ହୋଇଛି ।

ସୂଚନା ଥାଉ କି ଓଡିଶା ସରକାର ଜଗନ୍ନାଥପ୍ରସାଦ ଅଂଚଳକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବା ସହ କାର୍ଯ୍ୟକ୍ଷମ ପାଇଁ ଚିଠି ଜାରି ହୋଇଛି । ଅଞ୍ଚଳକୁ ସୁନ୍ଦର ପରିବେଶ ଓ ସ୍ୱଚ୍ଛତା ରଖିବା, ଅଞ୍ଚଳକୁ ଆଲୋକୀକରଣ କରିବା, ରାସ୍ତାଘାଟ ପକ୍କା ସହ ସଫା ସୁତୁରା ରଖିବା ଏବଂ ପାନୀୟ ଜଳ ବ୍ୟବସ୍ଥା ଯୋଗାଇବା ଦିଗରେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ସମାଧାନ କରିବା କଥା । ଅଞ୍ଚଳରେ ପକ୍କା ରାସ୍ତା ହେଉ କି ଡ୍ରେନେଜ ବ୍ୟବସ୍ଥା ହେଉ, ଆଲୋକୀକରଣ ହେଉ କି ପାନୀୟ ଜଳ ବ୍ୟବସ୍ଥା ହେଉ କିମ୍ବା ଶ୍ମଶାନ ଘାଟ ହେଉ ଏ ଦିଗରେ ବାରମ୍ବାର ଖବର ପ୍ରସାରଣ ହେଉଛି । ହେଲେ ସବୁ ଜାଣିଶୁଣି ସ୍ଥାନୀୟ ପ୍ରଶାସନ ଚୁପ୍ ବସିଛି । ଅସରାଏ ବର୍ଷାରେ ରାସ୍ତା ଉପରେ ମଇଳା ପାଣି ଜମି ରହୁଛି । ଫଳରେ ପ୍ରତିଦିନ ଏହି ପରିତ୍ୟକ୍ତ ରାସ୍ତାରେ ବିପଦପୂର୍ଣ୍ଣ ଭାବେ କୁନିକୁନି ଶିଶୁ, ଛାତ୍ରଛାତ୍ରୀ ଏବଂ ବ୍ଲକ କର୍ମଚାରୀ ଯିବାଆସିବା କରନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



# ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଶିବିର

ଛତ୍ରପୁର,୭ ।୪(ସମିସ)



ଛତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ମନରେଗା ଯୋଜନା ଓ ସମଗ୍ର ଶିକ୍ଷା ଅଭିଯାନ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ଅଧ୍ୟକ୍ଷତା କରି ଗାଇଡ୍‌ଲାଇନକୁ ଫଲୋ କରିବା ଏବଂ ପ୍ରତ୍ୟେକ କାର୍ଯ୍ୟରେ ଯେପରି ସ୍ୱଚ୍ଛତା ରହିବ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ । ଚାଲିଥିବା ପ୍ରକଳ୍ପ ଗୁଡିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହା ସହିତ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ଉଚିତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମଧ ସେ କହିଥିଲେ ।

ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ଡଃ ରବିନ୍ଦ୍ରନାଥ ମଲାଣ, ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ ମଞ୍ଚାସିନ ଥିଲେ । ୨୦୨୫-୨୬ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ଅବଧି ୧ ଏପ୍ରିଲ୍ ୨୦୨୫ରୁ ୩୦ ସେପ୍ଟେମ୍ବର ୨୦୨୫ ଯାଏ ମନରେଗା କାର୍ଯ୍ୟର ସମୀକ୍ଷା କରିବା ସହ ଯେଉଁ ଯେଉଁ ପଂଚାୟତ ଗୁଡ଼ିକରେ ସମସ୍ୟା ଦେଖାଦେଇଛି ସେଗୁଡ଼ିକ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେବା ସହ ସମସ୍ତ କାର୍ଯ୍ୟଗୁଡିକ ସଠିକ୍ ଭାବେ କିପରି କାର୍ଯ୍ୟକ୍ଷମ ହୋଇପାରିବ ସେଥିନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏପିଓ ସନ୍ତୋଷିନୀ ପାତ୍ର ଗତଥରର ବିବରଣୀ ପାଠ କରିଥିଲେ । ଏହାସହ ୨୦୨୫-୨୬ ଆର୍ଥିକ ବର୍ଷର ବିବରଣୀ ପ୍ରଦାନ କରିବା ସହ ୧୮ ଟି ପଞ୍ଚାୟତରେ ହୋଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ଅଣକୁଶଳୀ ବାବଦରେ ୨୭ ୯.୩ ଲକ୍ଷ ଟଙ୍କା ଏବଂ ଅର୍ଦ୍ଧକୁଶଳୀ ବାବଦରେ ୪. ୪୫ଲକ୍ଷ ଟଙ୍କା ଓ ସାମଗ୍ରିକ ବାବଦରେ ୫୩. ୫୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି । ଛତ୍ରପୁର ବ୍ଲକର ୧୮ ଟି ପଞ୍ଚାୟତର ୨୦୨୫-୨୬ ଆର୍ଥିକ ବର୍ଷରେ ୧୮ ୬୩୦ଟି ଜବ୍ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୧୪, ୪୫୧ ଜବ କାର୍ଡ ଧାରି ମାନେ ସକ୍ରିୟ ରହିଛନ୍ତି । ସେଥି ମଧ୍ୟରୁ ୧୬, ୦୧୬ ଜଣ ଶ୍ରମିକ ସକ୍ରିୟ ଭାବେ ରହି କାର୍ଯ୍ୟ କରିଛନ୍ତି । ୨୦୨୫ -୨୬ଆର୍ଥିକ ବର୍ଷରେ ୨, ୦୧, ୦୬୧ ଶ୍ରମ ଦିବସ ସୃଷ୍ଟି ହୋଇଛି । ୫୧ଟି ପରିବାର ୧୦୦ ଦିନ କାମ ପାଇଥିବା ସୂଚନା ମିଳିଛି । ଏହା ସହିତ ବ୍ଲକ ଅଞ୍ଚଳରେ ବିପଦ ସଂକୁଳ କିମ୍ବା ଭଗ୍ନ ଅବସ୍ଥାରେ ଥିବା ବିଦ୍ୟାଳୟ କୋଠା ରହିଛି ତାହା ମରାମତି କାମ ଆବଶ୍ୟକ ଅନୁସାରେ କରିବାକୁ କୁହାଯାଇଛି । ବୈଠକରେ ବ୍ଲକର ବହୁ ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିପଦ ସୃଷ୍ଟି କରୁଛି ସରକାରୀ ହୋର୍ଡିଂ

ଗୁମ୍ମା,୭ ।୪(ସମିସ)

ଓଡ଼ିଶା ସରକାରଙ୍କ ବିଜ୍ଞାପନ ନୀତି ନିୟମ ଅନୁସାରେ ହୋର୍ଡିଂ ଲଗାଇବା ପାଇଁ କଡ଼ା ନିୟମ ରହିଛି। ହସ୍ପିଟାଲ, ମନ୍ଦିର, ରାସ୍ତା ଡିଭାଇଡର, ବିଦ୍ୟୁତ୍ ଖୁଣ୍ଟ ଏବଂ ମୁଖ୍ୟ ରାସ୍ତାଠାରୁ ଅନ୍ୟୁନ ୧୦୦ ମିଟର ଦୂରତା ବାଧ୍ୟତାମୂଳକ ରହିଥିବା ବେଳେ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଅସୁରକ୍ଷିତ ହୋର୍ଡିଂ ଏବେ ଚିନ୍ତାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ ଯେ, ଗୁମ୍ମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସରକାରୀ ବିଜ୍ଞାପନ ହୋର୍ଡିଂ ପବନରେ ପଡ଼ି ଯାଇଥିଲା। କିନ୍ତୁ କାହାର କୌଣସି କ୍ଷତି ହୋଇନଥିବା ବେଳେ ଉକ୍ତ ଅସୁରକ୍ଷିତ ସରକାରୀ ହୋର୍ଡିଂକୁ ପୁନର୍ବାର କାନ୍ଥ ଉପରେ ରଖାଯାଇଛି। ପବନ ହେଲେ ବିଭିନ୍ନ



ସ୍ଥାନରେ ଲାଗିଥିବା ଛୋଟବଡ଼ ହୋଡର୍ଂ ଉଡ଼ି ପଡୁଥିବାରୁ ଯାତାୟାତ ଅସୁରକ୍ଷିତ ହେଉଛି। ଦୁର୍ବଳ ହୋର୍ଡିକୁ ଉଚ୍ଛେଦ କରିବା ସହିତ ବେଆଇନ ବିଜ୍ଞାପନ ଉପରେ କଟକଣା ଲଗାଇବାକୁ ସାଧାରଣରେ ଦାବି ହୋଇଛି। ସେହିପରି ଗୁମ୍ମାଠାରୁ ଆଦର୍ଶ ବିଦ୍ୟାଳୟ ଯିବା ମୁଖ୍ୟ ରାସ୍ତା କଡ଼ରେ ବିପଦସଂକୁଳ ଭାବେ ବର୍ଷ ବର୍ଷ ଧରି ବିରାଟ ସରକାରୀ ହୋର୍ଡିଂ ଲାଗି ରହିଛି। ଓଡ଼ିଶା ବିପର୍ଯ୍ୟସ୍ତ ପ୍ରବଣ ରାଜ୍ୟ ହେଉଥିବାରୁ ଓଡ଼ିଶାରେ ମଜଭୁତ ପୋଲ ସହିତ ହୋର୍ଡିଂ ଲଗାଇବାକୁ ନିୟମ ରହିଛି। କିନ୍ତୁ କିଛି ଅସାଧୁ ଏଜେନ୍ସି ଦୁର୍ବଳ ପାଇପ୍ ଉପରେ ସରକାରୀ ହୋର୍ଡିଂ ଲଗାଇ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଉଥିବା ସହିତ ହୋର୍ଡିଂ ପଡ଼ି କାହାର କ୍ଷତି ହେଲେ କିଏ ଦାୟୀ ରହିବ ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି।

## ସାମୂହିକ ସ୍ୱଚ୍ଛ ଅଭିଯାନ



ଦାରିଙ୍ଗବାଡ଼ି,୭।୪(ଇମିସ): ଦାରିଙ୍ଗବାଡ଼ି ବ୍ଲକ୍ ପ୍ରଶାସନ ପକ୍ଷରୁ ବିଡିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲିଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ସୁଧୀର ଦିଗାଲ, ଧନେଶ୍ୱର ସାହୁ, ବିଜେପି କାର୍ଯ୍ୟକର୍ତ୍ତା ଅଜିତ ସାହୁ, ମିଟୁ ସାହୁ, ପ୍ରଭାକର ସାହୁ ଓ ରଞ୍ଜନ ସାହୁଙ୍କ ସହଯୋଗରେ ସାମୂହିକ ସ୍ୱଚ୍ଛ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱେଚ୍ଛସେବୀ ଅନୁଷ୍ଠାନ ଜାଗୃତି, ପ୍ରେମ ପ୍ଲାନ, କନ୍ଧମାଳ ଜିଲ୍ଲା ସବୁଜ ବୈଦ୍ୟ ସଂଗଠନ, ବିଜେପି କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ସାମିଲ ହୋଇଥିଲେ। ଶିବମନ୍ଦିର ପରିସର ସମେତ ଦାରିଙ୍ଗବାଡ଼ି ବଜାର ଏବଂ ଏବଂ ବିଭିନ୍ନ ସ୍ଥାନରେ ଆବର୍ଜନା ସଫେଇ କରାଯାଇଥିଲା। ବହୁ ମାସ ଧରି ବିଡ଼ିଓ ଶ୍ରୀ ରଥ ସ୍ୱଚ୍ଛତା ଉପରେ ଲୋକଙ୍କୁ ସଚେତନ କରିଆସୁଥିବାରୁ ଦାରିଙ୍ଗବାଡି ଏକ ପ୍ରକାର ସୁନ୍ଦର ପରିବେଶ ସୃଷ୍ଟି ହେଉଛି ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଗୁମ୍ମା,୭ ।୪(ସମିସ): ଗୁମ୍ମା ବ୍ଲକ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଚାଲିଥିବା ଜନଗଣନା ତାଲିମ ଉଦଯାପିତ ହୋଇଛି। ଜନଗଣନା ଅଧିକାରୀ ତଥା ଗୁମ୍ମା ତହସିଲଦାର ଶରତ ଶବରଙ୍କ ତତ୍ତ୍ୱାବଧାନରେ ୨୦୨୭ ଗନାଗଣନା ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୨୩ ତାରିଖରେ ଆରମ୍ଭ ହୋଇ ଏପ୍ରିଲ ୬ରେ ଶେଷ ହୋଇଛି। ଗୁମ୍ମା ବ୍ଲକର ୧୬୧ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ଗଣନାକାରୀ ଏବଂ ୨୨ ଜଣ ପର୍ଯ୍ୟବେକ୍ଷକ ଭାବରେ ତାଲିମ ଦିଆଯାଇଥିବା ଜନଗଣନା ଅଧିକାରୀ ସୂଚନା ଦେଇଛନ୍ତି। ୪ ପର୍ଯ୍ୟାୟ କ୍ରମେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ତାଲିମ ଦିଆଯାଇଥିବା ବେଳେ କାର୍ଯ୍ୟକ୍ରମରେ ଟି. ଶିବାଜୀ ଓ ବାଲକ୍ରିଷ୍ଣା ପାଲକା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ତାଲିମରେ ଏକ ମୋବାଇଲ ଆପ ମାଧ୍ୟମରେ ଜନଗଣନା ଡାଟା ସଂଗ୍ରହ କରାଯିବା ନେଇ ତାଲିମ ଦିଆଯାଇଛି। ଏହି ପ୍ରକ୍ରିୟାରେ ଯେପରି ୧୦୦ ପ୍ରତିଶତ ଡିଜିଟାଲ ତଥ୍ୟ ସଂଗ୍ରହ ଅନ୍ତର୍ଭୁକ୍ତ ହୋଇପାରିବ। ସେହିପରି ଆଗାମୀ ଦିନରେ ଜନଗଣନା ଆରମ୍ଭ ହେବାକୁ ଥିବା ବେଳେ ଜନଗଣନା ଦାୟିତ୍ୱରେ ଥିବା ଗଣନାକାରୀ କର୍ମଚାରୀ ଓ ପର୍ଯ୍ୟବେକ୍ଷକଙ୍କୁ ଗୁମ୍ମା ବ୍ଲକର ସମସ୍ତ ଜନସାଧାରଣ ସହଯୋଗ କରିବା ପାଇଁ ତହସିଲଦାର ଶ୍ରୀ ଶବର ଅନୁରୋଧ କରିଛନ୍ତି।

## ଶ୍ରୀ ଗୌରୀ ନୀଳକଣ୍ଠେଶ୍ୱର ସ୍ୱାମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ପାରଳାଖେମୁଣ୍ଡି,୭ ।୪(ସମିସ): କାଶୀନଗର ବ୍ଲକ ଅନ୍ତର୍ଗତ ମିଲ୍ଲୁ ଖୁରିଗାଁ ନିକଟରେ ଥିବା ଶ୍ରୀ ଗୌରୀ ନୀଳକଣ୍ଠେଶ୍ୱର ସ୍ୱାମୀ ମନ୍ଦିରର ପ୍ରଥମ ପ୍ରତିଷ୍ଠା ତଥା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସକାଳେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ କୁଙ୍କୁମ ପୂଜା ଓ ଶ୍ରୀ ଗୌରୀ ନୀଳକଣ୍ଠେଶ୍ୱର ସ୍ୱାମୀଙ୍କ ନଗର ପରିକ୍ରମା ହୋଇଥିଲା। କର୍ତ୍ତା ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଏବଂ ତାଙ୍କ ଧର୍ମପତ୍ନୀ ପ୍ରମିଳା ଦେବୀ ସମସ୍ତ ପୂଜାର୍ଚ୍ଚନା, ହୋମ, ଯଜ୍ଞ କରିଥିଲେ। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, ସ୍ଥାନୀୟ ନେତା କାଟିକି ରାମାରାଓଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ଯୋଗ ଦେଇ ଶ୍ରୀ ଗୌରୀ ନୀଳକଣ୍ଠେଶ୍ୱରଙ୍କ ଆଶୀର୍ବାଦ ନେଇଥିଲେ।

## ୨୦୮୨ କେଜି ଗଞ୍ଜେଇ ଜବତ



ବାଲିଗୁଡା,୭।୪(ସମିସ): ବାଲିଗୁଡ଼ା ପୁଲିସ ପୁଣି ଜବତ କଲା ବିପୁଳ ପରିମାଣର ଗଞ୍ଜେଇ। ଏସପି ହରିଶ୍ ବିଶିଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ନେଇ ବିଭିନ୍ନ ଥାନା ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ଚଢ଼ଉ ଜାରି ରହିଛି। ସୂଚନା ମୁତାବକ ଗତ ସୋମବାର ଦିନ ପୁଲିସ ପକ୍ଷରୁ ବାଲିଗୁଡ଼ା ଥାନା ଅନ୍ତର୍ଗତ ସଲାଗୁଡା ପଞ୍ଚାୟତର ଡାକା ଅଞ୍ଚଳରେ ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରି ଗଚ୍ଛିତ ଥିବା ୨୦୮୨ କେଜି ବେଆଇନ ଗଞ୍ଜେଇ ଜବତ୍ କରି ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାରେ କାହାକୁ ଗିରଫ କରାଯାଇ ନଥିବା ବେଳେ କେହି ଗଞ୍ଜେଇ ମାଫିଆ ଏହି ବେଆଇନ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ରଖିଥିବା ସନ୍ଦେହ କରୁଥିବା ଥାନା ଅଧିକାରୀ ଶିବରଞ୍ଜନ ସିଙ୍ଗା ସୂଚନା ଦେଇଛନ୍ତି।

## ବିଜେଡିରେ ସାମିଲ ହେଲେ ୪୦ରୁ ଉର୍ଦ୍ଧ୍ୱ ପରିବାର



ଗୁମ୍ମା,୭ ।୪(ସମିସ): ଗୁମ୍ମା ବ୍ଲକ ପରିଡ଼ା ପଞ୍ଚାୟତ ବଡ଼ଗୁଡ଼ା ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ପରିବାର ବିଜେଡିରେ ଯୋଗ ଦେଇଛନ୍ତି। ସ୍ୱଇଚ୍ଛାରେ ଗ୍ରାମବାସୀ ଗତକାଲି ନିଜ ଗ୍ରାମରେ ଗ୍ରାମସଭା କରି ବିଜେଡିରେ ସାମିଲ ହେବାକୁ ନିଷ୍ପତ୍ତି ନେଇ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଦୀର୍ଘବର୍ଷ ଧରି ସେମାନେ ବିଜେପିରେ ରହିଥିଲେ। କିନ୍ତୁ ବିଜେପିର କାର୍ଯ୍ୟକଳାପ ଏବଂ ବଡ଼ଗୁଡ଼ା ଗ୍ରାମ ପ୍ରତି କୌଣସି ବିକାଶମୂଳକ କାର୍ଯ୍ୟ ବିଜେପି ସରକାର କରୁନଥିବାରୁ ସେମାନେ ଏକତ୍ର ହୋଇ ଦଳଛାଡ଼ି ମିଶ୍ରଣ ପର୍ବରେ ବିଜେଡିରେ ସାମିଲ ହୋଇଛନ୍ତି ବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି। ଏହି ମିଶ୍ରଣ ପର୍ବରେ ପାରଳା ବିଧାୟକଙ୍କ ସମେତ ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଜିଲ୍ଲା ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, ଜିଲ୍ଲା ଯୁବ ସଭାପତି ଲେଙ୍କା ସୀମାଦ୍ରୀ, ବିଜେଡି ବରିଷ୍ଠ ନେତା ରାଜୁ ବେହେରା, ସିମନ ମଣ୍ଡଳ ଓ ରମେଶ ବାବୁ ଏହି ଅବସରରେ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନରେ ବର୍ଣ୍ଣବୋଧ ଉତ୍ସବ



ପାରଳାଖେମୁଣ୍ଡି,୭ ।୪(ସମିସ): ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ତରଫରୁ ପ୍ରାଥମିକ ବିଦ୍ୟାଳୟ କୁନି କୁନି ପିଲାଙ୍କୁ ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ବର୍ଣ୍ଣବୋଧ ପୁନଃମୁଦ୍ରଣ କରିବା ସହ ଆଜି ସଂପୂର୍ଣ୍ଣ ରାଜ୍ୟ ତଥା ଗଜପତି ଜିଲ୍ଲାରେ ବଣ୍ଟନ କରାଯାଇଛି। ଏହି କୋମଳମତି ପିଲାମାନଙ୍କ ମନରେ ନିଜ ମାତୃଭାଷା ପ୍ରତି ଭଲ ପାଇବା ସହ ଭାଷାକୁ ସଠିକ୍ ଓ ନିର୍ଭୂଲ୍ ଭାବରେ ଶିଖିବା ପାଇଁ ବର୍ଣ୍ଣବୋଧର ଆବଶ୍ୟକତା ଅନୁଭବ କରି ଏହିଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଭାଷା ହେଉଛି ସାହିତ୍ୟ ଓ ସଂସ୍କୃତିର ଆଗାମୀ ବାହକ ଏବଂ ତା'କୁ ସୁରକ୍ଷିତ ଓ ସମୃଦ୍ଧ କରିବାକୁ ହେଲେ ବନାନର ଠିକ୍ ପ୍ରୟୋଗ ବର୍ଣ୍ଣବୋଧରୁ ପ୍ରାଥମିକ ସ୍ତରରୁ ଶିକ୍ଷା ପାଇବାର ଆବଶ୍ୟକତା ରହିଛି। ଏହି ଅବସରରେ ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ଗାନ୍ଧୀ ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା ମୁଖ୍ୟଅତିଥି ଭାବରେ ଯୋଗଦେଇ କୁନିକୁନି ପିଲାଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଓ ସ୍ଥାନୀୟ ପ୍ରଧାନ ଶିକ୍ଷକ ଜି.ତିରୁପତି ରାଓଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସମସ୍ତ ଶିକ୍ଷା ଅନୁଷ୍ଠାନରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ବର୍ଣ୍ଣବୋଧ ବହି ବଣ୍ଟନ କରିଛନ୍ତି।

## ସରକାରୀ ଅଭ୍ୟାସ ବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟଦିବସ




ଟିକାବାଲି,୭।୪(ସମିସ): ଟିକାବାଲି ବ୍ଲକ ପିଏମ୍‌ଶ୍ରୀ ସରକାରୀ ଅଭ୍ୟାସ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ସ୍ୱାକ୍ ସଂଗଠନ ଆନୁକୂଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସହସମ୍ପାଦକ ସଞ୍ଜୀବ ଦିଗାଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସ୍ୱାକ୍ ସମ୍ପାଦକ ହୃଷୀକେଶ ପ୍ରଧାନ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଟିକାବାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ସଚେତନତା ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ପ୍ରଶିକ୍ଷକ ଜିତେନ୍ଦ୍ର ଡାକୁଆ ଛାତ୍ରଛାତ୍ରୀଙ୍କୁ ପ୍ରକୃତି ସହ ସମନ୍ୱୟ ରଖି ସଠିକ ଖାଦ୍ୟପେୟ ଓ ଯୋଗାଭ୍ୟାସ ଦ୍ୱାରା ଶରୀରକୁ କିଭଳି ନିରୋଗ ରଖାଯାଇପାରିବ, ସେ ସମ୍ପର୍କରେ ଶିକ୍ଷା ଦେଇଥିଲେ। ପ୍ରଧାନଶିକ୍ଷୟତ୍ରୀ ଟୁନି କୁମାରୀ ଛାତ୍ରଛାତ୍ରୀଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଭ୍ୟ ସନ୍ତୋଷ ଦିଗାଲ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସ୍ଲୋଗାନ ପ୍ରସ୍ତୁତ କରିଥିବା ବେଳେ ଯୋଗ ପ୍ରଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଆମନ ଚନ୍ଦ୍ର ନାୟକ, ଉପସଭାପତି ସସ୍ମିତା ମଲ୍ଲିକ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ, ସଭ୍ୟା ମିନାକ୍ଷୀ ପ୍ରଧାନ ଓ ଶିକ୍ଷୟିତ୍ରୀ ସୁଷମା ଦେବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଆମେ ଜାଣିବା ଆମ ବଜେଟ୍' କାର୍ଯ୍ୟକ୍ରମ

ରାଇକିଆ,୭।୪(ସମିସ): ରାଇକିଆ ପଞ୍ଚାୟତରେ ମଙ୍ଗଳବାର ସ୍ୱତନ୍ତ୍ର ଗ୍ରାମ ସଭା ଆମେ ଜାଣିବା ଆମ ବଜେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଗୀତାଞ୍ଜଳି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ବଜେଟ୍‌ରେ ପଞ୍ଚାୟତକୁ ଦୃଢ଼ୀକରଣ କରିବା ପାଇଁ ପ୍ରସ୍ତୁତ ହୋଇଥିବା ବଜେଟ୍ ସଂପର୍କରେ ଆଲୋକପାତ କରାଯାଇଥିଲା। ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଇବା ସହ ଜନ ସାଧାରଣଙ୍କ ଠାରୁ ଗଠନ ମୂଳକ ମତାମତ ନିଆଯାଇଥିଲା। ଏଥିସହ ବିଦ୍ୟୁତ୍ ବିଭାଗ ତରଫରୁ ଯନ୍ତ୍ରୀ ଶ୍ରବଣ ପ୍ରଧାନ ପିଏମ୍ ସୂର୍ଯ୍ୟଘର ଯୋଜନା ମାଧ୍ୟମରେ ହିତାଧୀକାରୀ କିପରି ସୁବିଧା ପାଇ ପାରିବେ ସେ ନେଇ କହିଥିଲେ। ବୈଠକରେ ନାଏବ ସରପଞ୍ଚ ନିଥାଇଲ ନାୟକ, ନାଗରିକ ମଞ୍ଚ ସଭାପତି ଦୁର୍ଯ୍ୟୋଧନ ଲେଙ୍କା, ବଣିକ ସଂଘ ସଭାପତି ପଦ୍ମ ଚରଣ ପଣ୍ଡା, ୱାର୍ଡ ମେମ୍ବର ବୃନ୍ଦ, ଅଙ୍ଗନବାଡି କର୍ମୀ ଓ ଗ୍ରାମବାସୀ ଉପସ୍ଥିତି ଥିଲେ। ଜିପିଓ ମହେଶ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଡିଇଓ ଶାନ୍ତିଲତା ସାସମଲ୍ ଓ ରାଜକିଶୋର ପରିଚ୍ଛା ପରିଚାଳନାରେ ସହଯୋଗ କରିଥିଲେ।

## ରାଇକିଆରେ ଇଷ୍ଟର ମ୍ୟୁଜିକାଲ୍ ନାଇଟ




ରାଇକିଆ,୭।୪(ସମିସ): ରାଇକିଆ କାଥଲିକ୍ ସାଂସ୍କୃତିକ କମିଟିର ୨୫ ବର୍ଷ ରଜତ ଜୟନ୍ତୀ ପାଳନ ଅବସରରେ ଦୁଇଦିନ ବ୍ୟାପି ଇଷ୍ଟର ମ୍ୟୁଜିକାଲ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ସ୍ଥାନୀୟ କଳାକାରଙ୍କୁ ନେଇ ଖ୍ରୀଷ୍ଟୀୟ ଭକ୍ତି ସଂଗୀତ ପରିବେଷଣ ହୋଇଥଲା। ଏଥିରେ ମୁଖ୍ୟଅତିଥି ଭାବେ ଯାଜକ ପ୍ରଦୋଷ ଚନ୍ଦ୍ର ନାୟକ, ଅନ୍ୟତମ ଅତିଥି ମଧ୍ୟରେ ଯାଜକ ଓ ସେବାଭଗ୍ନୀ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସାଜିଥିଲେ ଖ୍ରୀଷ୍ଟୀୟ ଭକ୍ତି ସଂଗୀତ ପରିବେଷଣ ପାଇଁ ଖ୍ୟାତି ଲାଭ କରିଥିବା ସୁସମାଚାର ଗାୟକ ଅମିତ୍ ପାଣି। ତାଙ୍କର ସୁମଧୁର କଣ୍ଠରେ ଝୁମିଥିଲେ ଶ୍ରୋତା। ଅତିଥି ଭାବେ କଟକ-ଭୁବନେଶ୍ୱର ଧର୍ମାଞ୍ଚଳ ମହାଧ୍ୟକ୍ଷ ବିଶପ ରବିନ୍ଦ୍ର ରଣସିଂହ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ମଞ୍ଚାସୀନ ଅତିଥି ଯାଜକ, ସେବାଭଗ୍ନୀ, ବରିଷ୍ଠ ନାଗରିକ ଲୋରାନ ସଭା ସୁନ୍ଦରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ପର୍ବ ନେଇ ଏକ ନାଟକ ସୃଷ୍ଟିର ଅନ୍ତରାଳେ ପ୍ରସ୍ତୁତ କରାଯାଇଥିଲା। କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ।

## ଟିକାବାଲି ସେଣ୍ଟଜନ୍ସ ସ୍କୁଲର ବାର୍ଷିକୋତ୍ସବ



ଟିକାବାଲି, ୭।୪(ସମିସ): ଟିକାବାଲି ସ୍ଥିତ ସେଣ୍ଟଜନ୍ସ ସ୍କୁଲ ବିଦ୍ୟାଳୟର ଚତୁର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କହଁର, ସମ୍ମାନିତ ଅତିଥି ଭାବେ ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ସଲପଗାଁସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ଶାଳିନୀ ପଟ୍ଟନାୟକ ଏବଂ ବ୍ଲକ କଂଗ୍ରେସ ସଭାପତି ଅନିଲ କୁମାର ଭୋଇ ଓ ବିଦ୍ୟାଳୟର ପ୍ରିନ୍ସପାଲ ସାମୁଏଲ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଅତିରିକ୍ତ ଅଧ୍ୟକ୍ଷ ତଥା କାର୍ଯ୍ୟକାରୀ ସଚିବ ରଞ୍ଜିତ କୁମାର ଦିଗାଲ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରଥିଲେ। ଅତିଥିଙ୍କ ଅଭିଭାଷଣ ପରେ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା।

## ସିୟୁଟିଏମ୍‌ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ



**ଜୀବନ ରକ୍ଷା କୌଶଳ ଉପରେ ଗୁରୁତ୍ୱ**

ପରାଳାଖେମୁଣ୍ଡି,୭ ।୪(ସମିସ): ସେଞ୍ଚୁରିୟନ ବିଶ୍ୱ ବିଦ୍ୟାଳୟ ପାରଳାଖେମୁଣ୍ଡି କ୍ୟାମ୍ପସର ସ୍କୁଲ୍ ଅଫ ନର୍ସିଂ, ହେଲ୍ଥ କ୍ଲବ୍ ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମୌଳିକ ଜୀବନ ସମର୍ଥନ ଏବଂ ସ୍ୱାସ୍ଥ୍ୟ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଆଧାରିତ ବିଭିନ୍ନ ଶିକ୍ଷାମୂଳକ ଓ ପ୍ରାୟୋଗିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡା. ସି. ବସନ୍ତ କୁମାର ମୁଖ୍ୟଅତିଥି, ଡା. ସାଲାନା ଶରତ କୁମାର, ସେଞ୍ଚୁରିୟନ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ର, ନିର୍ଦ୍ଦେଶକ ପ୍ରଶାସନ ଡ଼. ଦୁର୍ଗା ପ୍ରସାଦ ପାଢ଼ି, ଛାତ୍ର ବ୍ୟାପାର ଡିନ୍ ଡ଼. ରିତେଶ କୁମାର, ସ୍କୁଲ ଅଫ୍ ନର୍ସିଂର ଅଧ୍ୟକ୍ଷା ପ୍ରଫେସର ଏସ୍. ଏନ୍. ସନ୍ଧ୍ୟା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ଏସ୍. ଏନ୍. ସନ୍ଧ୍ୟା ବୟସ୍କଙ୍କ ପାଇଁ ମୌଳିକ ଜୀବନ ସହାୟତା ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ବସନ୍ତ କୁମାର ଶିଶୁ ଚିକିତ୍ସାର ମୌଳିକ ଜୀବନ ସହାୟତା ସମ୍ପର୍କରେ କହିଥିଲେ। ଏହାସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ବିଷୟରେ ଆଲୋଚନା ପି. ବେବିରାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ କେ.ଲହରୀ ଓ ଆକାଶ ପଥାଲଙ୍କ ସହ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ୟୁ ଦିବ୍ୟଜ୍ୟୋତି, ସନ୍ଧ୍ୟାରାଣୀ ପାଢ଼ୀ, ସ୍ଥିତିପ୍ରଜ୍ଞା ଜେନା, ନିରୂପମା ପଟ୍ଟନାୟକ, ଦୀପ୍ସିଖା ଦେଓ ଓ ବି. ଦୀପିକା ସକ୍ରିୟ ଭାଗ ନେଇ ସ୍ୱାସ୍ଥ୍ୟ ସେବାରେ ଡିଜିଟାଲ ନବୀନତାର ଭୂମିକା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଶେଷରେ ବେସିକ୍ ଲାଇଫ ସପୋର୍ଟ ଉପରେ ଏକ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମ ପୁରସ୍କାର ବିଏସ୍‌ସି ନର୍ସିଂର ପ୍ରଥମ ବର୍ଷ ଛାତ୍ର ଭାବାନୀ ଶବର, ଦ୍ୱିତୀୟ ପୁରସ୍କାର ଦ୍ୱିତୟ ବର୍ଷ ଛାତ୍ର ଆକାଶ ପ୍ରଧାନ ଓ ତୃତୀୟ ପୁରସ୍କାର ତୃତୀୟ ବର୍ଷ ଛାତ୍ର ବିମ୍ଲେଶ କୁମାର ଜେନା ପାଇଥିଲେ। ଏହି ଅବସରରେ ସ୍କୁଲ୍ ଅଫ ନର୍ସିଂ ଦ୍ୱାରା ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମ ପୁରସ୍କାର ଭାବାନୀ ଶବର ଓ ପୋଲାକି ଉମା ମହେଶ୍ୱରୀ, ଏବଂ ଦ୍ୱିତୀୟ ପୁରସ୍କାର ନିରୂପମା ପଟ୍ଟନାୟକ ଓ ବି. ଦୀପିକା ପାଇଥିଲେ।

## ଲାଇନପଡ଼ାରେ ଅଷ୍ଟଶମ୍ଭୁ ମିଳନ



ଚକାପାଦ,୭।୪(ସମିସ): ଚକାପାଦ ବ୍ଲକ କୁସୁମେଣ୍ଡିରେ ସୋମବାର ଦିନ ଦ୍ୱାଦଶ ବାର୍ଷିକ ଅଷ୍ଟଶମ୍ଭୁ ମିଳନ ଉତ୍ସବ ପାଳିତ ହୋଇଯାଇଛି। ଲାଇନପଡାର ବରଡ଼ା ବାଲୁଙ୍କେଶ୍ୱର ବିଦ୍ୟାଳୟ ଠାରୁ ବରଡ଼ା ବାଲୁଙ୍କେଶ୍ୱର ବାବା, ମଳିକଗାଁ ଯୋଗେଶ୍ୱର ବାବା, ବରେଗୁଡା ଗୁପ୍ତେଶ୍ୱର ବାବା, ଉକୁସଗଣ୍ଡା ମହେଶ୍ୱର ବାବା, ଶରଧାପୁର ଚାମ୍ପେଶ୍ୱର ବାବା, କରଡ଼ି ଗୋକୁଳେଶ୍ୱର ବାବା, ଜାମପାଲି ସିଦ୍ଧେଶ୍ୱର ବାବା, ବନ୍ଧାପଥର ମଲ୍ଲୀକାର୍ଜୁନ ବାବା ପ୍ରଭୃତି ଦଣ୍ଡ ଠାକୁରଙ୍କୁ ବରଣ କରାଯାଇ ହାଟପଡା ବ୍ରାହ୍ମନପଦର ବରସାହି କୁସୁମେଣ୍ଡି ଗ୍ରାମ ନଗର ଭ୍ରମଣ ଏବଂ ବନ୍ଦନା କରାଯାଇଥିଲା। ଦିନ ୨ଟାରେ ଧୂଳିଦଣ୍ଡ, ଅପରାହ୍ନ ୫ଟାରେ ଜଳଘାଟ ପୂଜା ସାରି ସମସ୍ତ ଠାକୁର ମେଳଣ ପଡିଆରେ ଉପସ୍ଥିତିରେ ବରଡ଼ା ବାଲୁଙ୍କେଶ୍ୱର ପୂଜାରୀ ଶଶାଙ୍କ ଶେଖର ମହାପାତ୍ର ପୂଜା କରିଥିଲେ। ପରେ ମେଳଣ କରାଯାଇଥିଲା। ରାତ୍ର ପ୍ରସାଦ ସେବନ ପରେ ଅଗ୍ନିଦଣ୍ଡ ହୋଇଥିଲା। ସଭାପତି ସରୋଜ ଭୋଇ, ଉପସଭାପତି ତାରିଣୀ ଚରଣ ବେହେରା, ସମ୍ପାଦକ ରାଜେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର ଓ ଅନ୍ୟମାନେ ସହଯୋଗ କରିଥିଲେ।

